


# ଡାକ୍ତରୀ ଗର୍ଭସମାପ୍ତି ବଟିକା

ଡାକ୍ତରୀ ଉପାୟରେ ଗର୍ଭନିରୋଧ ଆଇନ ୧୯୭୧ ମସିହାରେ ଅନୁମୋଦନ ହୋଇଥିଲା। ଏହି ଆଇନ ସରକାରୀ ତଥା ଅନୁମୋଦିତ ଘରୋଇ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଗର୍ଭସମାପ୍ତି ସେବା ପ୍ରଦାନ କରିବାକୁ ଅନୁମତି ଦେଇଛି। ଏହା ମଧ ସୂଚିତ କରେ ଯେଉଁ ମହିଳାମାନେ ଏକ ଅବାଞ୍ଛିତ ଗର୍ଭଧାରଣକୁ ବନ୍ଦ କରିବାକୁ ଚ୍ହାଁନ୍ତି, ସେମାନଙ୍କୁ କିଛି ସର୍ତ୍ତ ଅନୁଯାୟୀ ଗର୍ଭସମାପ୍ତି ସେବା ଯୋଗାଇ ଦିଆଯାଇପାରିବ। ତଥାପି ବର୍ତ୍ତମାନ ସମୟରେ ଗର୍ଭସମାପ୍ତି ସେବା ସହରାଞ୍ଚଳରେ କେନ୍ଦ୍ରୀଭୂତ ହୋଇଥିବା ଖୁବ୍ କମ୍ ବ୍ୟବସ୍ଥାରେ ଉପଲବ୍ଧ, ଏବଂ ସେଥିପାଇଁ ଗରିବ, ଗ୍ରାମୀଣ ମହିଳାମାନେ ଏସବୁକୁ ପାଇବାକୁ ଅସମର୍ଥ ହେଉଛନ୍ତି। ଏହି ସବୁ କାରଣରୁ ନିରାପଦ ଏବଂ ଆଇନଗତ ଗର୍ଭସମାପ୍ତି ସେବା ବର୍ତ୍ତମାନ ମଧ ଅନେକ ମହିଳାଙ୍କ ପାଇଁ ଉପଲବ୍ଧ ହୋଇପାରୁନାହିଁ।

ମହିଳାମାନଙ୍କ ପାଖରେ ସହଜରେ ଗର୍ଭସମାପ୍ତି ସେବା ପହଞ୍ଚେଇବା ଉଦ୍ଦେଶ୍ୟରେ ଡ଼ାକ୍ତରୀ ଗର୍ଭସମାପ୍ତି ବଟିକାର ପ୍ରଚଳନ କରାଯାଇଥିଲା। ପ୍ରଚଳିତ ଡ଼ି ଏବଂ ସି (ଶଲ୍ୟ ଚିକିତ୍ସା ଏବଂ ଗର୍ଭାଶୟ ପ୍ରସାରଣ) ଯେଉଁଥିରେ ଏକ ଛୋଟ ଅସ୍ତ୍ରୋପଚାର ମାଧମରେ ଗର୍ଭାଶୟକୁ ପ୍ରସାରିତ କରି ଗର୍ଭକୁ ଗର୍ଭାଶୟରୁ ବାହାର କରାଯାଇଥାଏ। ତାହା ଅପେକ୍ଷା ଡ଼ାକ୍ତରୀ ଗର୍ଭସମାପ୍ତି ବଟିକା ନିରାପଦ ଏବଂ ସହଜରେ ଉପଲବ୍ଧ ହୋଇଥାଏ।

ଏବେ ଆମେ ଏହି ବଟିକା କିପରି କାର୍ଯ୍ୟ କରିଥାଏ, କେମିତି ବ୍ୟବହାର କରିବା ଏବଂ ଏହି ବଟିକାର ଭଲ ଏବଂ ଖରାପ ପ୍ରଭାବ ସମ୍ପର୍କରେ ଜାଣିବା।

## ଡାକ୍ତରୀ ଗର୍ଭସମାପ୍ତି କଣ ?

ଗର୍ଭସ୍ଥ ଭ୍ରୂଣଟି ଗର୍ଭାଶୟ ବାହାରେ ସ୍ୱତନ୍ତ୍ରଭାବେ ଆପେ ବଞ୍ଚିବାର କ୍ଷମତା ହାସଲ କରିବା ପୂର୍ବରୁ ଭ୍ରୂଣକୁ ଗର୍ଭାଶୟରୁ ବାହାର କରିଦେବାକୁ ଗର୍ଭସମାପ୍ତି କୁହାଯାଏ। ଏହା କରିବାପାଇଁ ଅନେକ ପ୍ରକାର ଡ଼ାକ୍ତରୀ ପଦ୍ଧତି ରହିଛି।

ମିଫେପ୍ରିଷ୍ଟୋନ ଏବଂ ମିସୋପ୍ରୋଷ୍ଟଲ ହେଉଛି ଦୁଇଟି ବିଶେଷ ବଟିକା ଯାହା ଗର୍ଭସମାପ୍ତି ପାଇଁ ଉପଲବ୍ଧ। ଏହି ଦୁଇଟି ବଟିକା ବ୍ୟବହାର କରି ଗର୍ଭସମାପ୍ତି କରିବାକୁ ଡାକ୍ତରୀ ଗର୍ଭସମାପ୍ତି କୁହାଯାଏ। ବଟିକା ଗୁଡ଼ିକର ମାତ୍ରା ଏବଂ ସେଗୁଡିକ ଖାଇବାର ସମୟସୀମା ଗର୍ଭାବସ୍ଥାର ଅବଧି ଉପରେ ନିର୍ଭର କରେ।

## ଡାକ୍ତରୀ ଗର୍ଭସମାପ୍ତି ବଟିକା କିପରି ବ୍ୟବହାର କରିବେ

ଭାରତରେ ଡାକ୍ତରୀ ଗର୍ଭସମାପ୍ତିର ବଟିକା କେବଳ ଜଣେ ପଞ୍ଜୀକୃତ ପେଷାଦାର ଡାକ୍ତରଙ୍କର ତତ୍ତ୍ୱାବଧାନରେ ବ୍ୟବହାର କରିବା ଜରୁରୀ। ଗର୍ଭଧାରଣ ୭ ସପ୍ତାହ ପର୍ଯ୍ୟନ୍ତ ଡାକ୍ତରୀ ଗର୍ଭସମାପ୍ତି ବଟିକା ବ୍ୟବହାର କରିବାପାଇଁ ଏମ୍.ଟି.ପି ଅନୁମତି ହେଇଥାଏ। ଯଦିଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଗର୍ଭଧାରଣ ୯ ସପ୍ତାହ ପର୍ଯ୍ୟନ୍ତ ବଟିକା ବ୍ୟବହାର କରି ପାରିବାପାଇଁ ପରାମର୍ଶ ଦେଇଛନ୍ତି ଏବଂ ବଟିକାର ନିମ୍ନଲିଖିତ ବଟିକାର କାର୍ଯ୍ୟସୂଚୀକୁ ସୁପାରିଶ କରିଛନ୍ତି।

ମିଫେପ୍ରିଷ୍ଟୋନ ୨୦୦ ମିଲିଗ୍ରାମ ବଟିକା ଏବଂ ମିସୋପ୍ରୋଷ୍ଟଲ ୨୦୦ ମିଲିଗ୍ରାମ ବଟିକା ଭାବରେ ଉପଲବ୍ଧ। ତେଣୁ ନିମ୍ନରେ ଦିଆଯାଇଥିବା ଟେବୁଲ୍‌ରେ ଗୋଟିଏ ମିଫେପ୍ରିଷ୍ଟୋନ ବଟିକା ୨୦୦ଗ୍ରାମ ବଟିକା ଏବଂ ଗୋଟିଏ ମିସୋପ୍ରୋଷ୍ଟଲ ଟାବଲେଟ ୨୦୦ ଗ୍ରାମ ବଟିକାକୁ ବୁଝାଏ।

ପ୍ରଥମେ ମିଫେପ୍ରିଷ୍ଟୋନ ଗୋଟିଏ ବଟିକା ଖାଇବାକୁ ପଡିବ। ସାରଣୀରେ ଦିଆଯାଇଥିବା ଔଷଧର ମାତ୍ରା ଅନୁଯାୟୀ ୩୮ରୁ ୪୮ ଘଣ୍ଟା ପରେ ମିସୋପ୍ରୋଷ୍ଟଲ ବ୍ୟବହାର କରିବାକୁ ପଡ଼ିବ।

### ପ୍ରଥମ ପଦ୍ଧତି

୪ ସପ୍ତାହରୁ ୭ ସପ୍ତାହ ପର୍ଯ୍ୟନ୍ତ ଗର୍ଭଧାରଣ ସମାପ୍ତି କରିବାକୁ।

ମିଫେପ୍ରିଷ୍ଟୋନ ଏବଂ ମିସୋପ୍ରୋଷ୍ଟଲ ଉଭୟ ବଟିକା ଖାଇବାକୁ ପଡିବ।

ପ୍ରଥମେ ଗୋଟିଏ ମିଫେପ୍ରିଷ୍ଟୋନ ବଟିକାକୁ ଖାଇବାକୁ ପଡ଼ିବ।

ପ୍ରଥମ ବଟିକା ଖାଇବାର ୩୬-୪୮ ଘଣ୍ଟା ମଧରେ ଦୁଇଟି ମିସୋପ୍ରୋଷ୍ଟଲ ବଟିକା ଏକାସାଙ୍ଗରେ ଖାଇବାକୁ ପଡିବ।

## ଦ୍ୱିତୀୟ ପଦ୍ଧତି

୪ ସପ୍ତାହରୁ ୯ ସପ୍ତାହ ପର୍ଯ୍ୟନ୍ତ ଗର୍ଭଧାରଣ ସମାପ୍ତି କରିବାକୁ

୪ ସପ୍ତାହରୁ ୯ ସପ୍ତାହ ମଧ୍ୟରେ ଗର୍ଭସମାପ୍ତି କରିବା ପାଇଁ ମିଫେପ୍ରିଷ୍ଟୋନକୁ ଖାଇବା ସହିତ ମିସୋପ୍ରୋଷ୍ଟଲକୁ ଯୋନିରେ ବ୍ୟବହାର କରାଯାଏ ।

ପ୍ରଥମେ ଗୋଟିଏ ମିଫେପ୍ରିଷ୍ଟୋନ ବଟିକାକୁ ଖାଇବାକୁ ପଡିବ । ମିଫେପ୍ରିଷ୍ଟୋନ ଖାଇବାର ୩୬ରୁ ୪୮ ଘଣ୍ଟା ପରେ ଚାରିଟି ମିସୋପ୍ରୋଷ୍ଟଲ ବଟିକା

ଏକତ୍ର ଯୋନି ଭିତରେ ଭର୍ତ୍ତି କରାଯାଏ । ଯଦି ମିସୋପ୍ରୋଷ୍ଟଲ ଭର୍ତ୍ତି କରିବାର ୪ ଘଣ୍ଟା ପରେ ମଧ୍ୟ ଗର୍ଭସମାପ୍ତି ନ ହୁଏ, ତାହା ହେଲେ ଆଉ ଦୁଇଟି ମିସୋପ୍ରୋଷ୍ଟଲ ବଟିକା ଯୋନିରେ ଭର୍ତ୍ତି କରିବାକୁ ପଡ଼ିବ କିମ୍ବା ପାଟିରେ ଖାଇବାକୁ ପଡିବ ।

## ବଟିକାଗୁଡ଼ିକ କିପରି କାମ କରେ ?

ମିଫେପ୍ରିଷ୍ଟୋନ ହେଉଛି ଏପରି ଏକ ଔଷଧ ଯାହା ପ୍ରୋଜେଷ୍ଟେରନ୍ ହରମୋନ ବିରୁଦ୍ଧରେ କାମ କରେ । ଯେତେବେଳେ ଜଣେ ଗର୍ଭବତୀ ମହିଳା ଏହାକୁ ନିଅନ୍ତି ମିଫେପ୍ରିଷ୍ଟୋନ ପ୍ରୋଜେଷ୍ଟେରନ କାର୍ଯ୍ୟକୁ ବନ୍ଦ କରିଥାଏ । ଏହା ଦ୍ୱାରା ନିମ୍ନଲିଖିତ ଫଳାଫଳ ଦେଖାଦିଏ ।

- ଗର୍ଭାଶୟରେ ଭ୍ରୁଣର ବୃଦ୍ଧିକୁ ବାଧାଦିଏ
- ଭ୍ରୁଣକୁ ଗର୍ଭାଶୟର ପରଦାରୁ ଅଲଗା କରିଥାଏ
- ଗର୍ଭାଶୟର ଗ୍ରୀବାକୁ ନରମ କରିଥାଏ

ମିସୋପ୍ରୋଷ୍ଟୋଲ ବଟିକା ଗର୍ଭାଶୟକୁ ସଂକୁଚିତ ପ୍ରସାରିତ କରିବାର କାର୍ଯ୍ୟକରିଥାଏ ।


ମିସୋପ୍ରୋଷ୍ଟଲ ନିମ୍ନଲିଖିତ ଭାବରେ କାର୍ଯ୍ୟ କରିଥାଏ ।ଯେ ଯତେବେଳେ ଏହା ଡ଼ାକ୍ତରୀ ଗର୍ଭସମାପ୍ତି ପାଇଁ ବ୍ୟବହାର କରାଯାଏ, ମିସୋପ୍ରୋଷ୍ଟୋଲ ନିମ୍ନଲିଖିତ ଭାବେ କାର୍ଯ୍ୟକରିଥାଏ ;

- ଏହା ଗର୍ଭାଶୟର ଗ୍ରୀବା ମୁହଁକୁ  ନରମ ଏବଂ ଚଉଡ଼ା କରିଥାଏ ।
- ଗର୍ଭାଶୟକୁ ସଂକୁଚିତ କରିବାର କାରଣ ହୋଇଥାଏ ।

ମିଫେପ୍ରିଷ୍ଟୋନର ପ୍ରଥମ ବଟିକା ଖାଇବା ପରେ ଗର୍ଭସ୍ଥ ଶିଶୁଟି ଗର୍ଭାଶୟର ଭିତର ଲାଇନଠାରୁ ଅଲଗା ହୋଇଯାଏ । ଦ୍ୱିତୀୟ ବଟିକା ମିସୋପ୍ରୋଷ୍ଟଲ ତା'ପରେ ଅଲଗା ହୋଇଥିବା ଗର୍ଭସ୍ଥ ଭ୍ରୁଣକୁ ଗର୍ଭାଶୟରୁ ବାହାର କରିବାରେ ସାହାଯ୍ୟ କରିଥାଏ । ଏହି ପ୍ରକିୟା ପ୍ରାକୃତିକ ଗର୍ଭସମାପ୍ତି ପରି ହୋଇଥାଏ,ଯେଉଁଥିରେ ରକ୍ତସ୍ରାବ ହୁଏ ଏବଂ ଗର୍ଭଧାରଣର ସମାପ୍ତି ଘଟିଥାଏ ।

## ବଟିକାର ବ୍ୟବହାର କଲାପରେ କଣ ହୁଏ ?

ଅଧିକାଂଶ ମହିଳାଙ୍କ କ୍ଷେତ୍ରରେ ମିସୋପ୍ରୋଷ୍ଟଲ ଗ୍ରହଣ କରିବାର ୪ରୁ ୬ ଘଣ୍ଟା ମଧରେ ରକ୍ତସ୍ରାବ ଆରମ୍ଭ ହୋଇଥାଏ । କେବେ କେମିତି ରକ୍ତସ୍ରାବ ଆରମ୍ଭ ହେବା ପାଇଁ ୨୪ ଘଣ୍ଟା ସମୟ ଲାଗିଥାଏ । କିଛି ମହିଳାଙ୍କଠାରେ ବାନ୍ତି ଲାଗିବା, ମୁଣ୍ଡ ବୁଲାଇବା, ବାନ୍ତିହେବା, ଝାଡା କମ୍ପ ସହିତ ଜ୍ୱର ଏବଂ ପେଟ ଯନ୍ତ୍ରଣା ଦେଖା ଦେଇଥାଏ । ପ୍ରବଳ ରକ୍ତସ୍ରାବ ୪ରୁ ୫ ଦିନ ପର୍ଯ୍ୟନ୍ତ ହୋଇପାରେ । ହାଲକା ରକ୍ତସ୍ରାବ ୮ ରୁ ୧୩ ଦିନ ପର୍ଯ୍ୟନ୍ତ ହୋଇପାରେ ।




କେତେକ ଦେଶରେ ମହିଳାମାନେ ଗର୍ଭସମାପ୍ତି ପାଇଁ କେବଳ ମିସୋପ୍ରୋଷ୍ଟାଲ ବ୍ୟବହାର କରନ୍ତି । ଏପରି ପରିସ୍ଥିତିରେ ମିସୋପ୍ରୋଷ୍ଟାଲର ଅଧିକମାତ୍ରା ବ୍ୟବହାର କରାଯିବା ଆବଶ୍ୟକ । କେବଳ ମିସୋପ୍ରୋଷ୍ଟାଲ ବ୍ୟବହାର ହେତୁ ଗର୍ଭସମାପ୍ତିରେ ବିଳମ୍ବ ହୋଇପାରେ ଏବଂ ଅସମ୍ପୂର୍ଣ୍ଣ ଗର୍ଭସମାପ୍ତି ହୋଇପାରେ ଯାହା ଗୁରୁତର ସମସ୍ୟା ସୃଷ୍ଟି କରିପାରେ ।

## ଡାକ୍ତରୀ ଗର୍ଭସମାପ୍ତିର ପ୍ରଭାବ

ଡାକ୍ତରୀ ପ୍ରକ୍ରିୟାରେ ହେଉଥିବା ଗର୍ଭସମାପ୍ତି ସଫଳତାର ସମ୍ଭାବନା ଗର୍ଭଧାରଣର ସପ୍ତାହ ଔଷଧର ମାତ୍ରା ଏବଂ ନିର୍ଦ୍ଧାରିତ ଔଷଧ ଉପରେ ନିର୍ଭର କରେ ।

| ଗର୍ଭଧାରଣର ସପ୍ତାହ | ବଟିକାର ମାତ୍ରା ଏବଂ ନିର୍ଦ୍ଧାରିତ ଔଷଧ | ଗର୍ଭସମାପ୍ତିର ସମ୍ଭାବନା |
|---|---|---|
| ୪ ରୁ ୭ ସପ୍ତାହ | ଉଭୟ ବଟିକା ପାଟିରେ ଖାଇବା | ୮୫ ରୁ ୯୦% |
| ୪ ରୁ ୯ ସପ୍ତାହ | ମିଫେପ୍ରିଷ୍ଟୋନ ପାଟିରେ ଖାଇବା ଏବଂ ମିସୋପ୍ରୋଷ୍ଟଲକୁ ଯୋନିରେ ଭର୍ତ୍ତିକରିବା | ୯୫ ରୁ ୯୮% |

## ବିପଦ ସଙ୍କେତ

- ଅତ୍ୟଧିକ ରକ୍ତସ୍ରାବ ସହିତ ଏକ ଘଣ୍ଟା ମଧ୍ୟରେ ଦୁଇଟିରୁ ଅଧିକ ସାନିଟାରୀ ନ୍ୟାପ୍‌କିନ୍ ପରିବର୍ତ୍ତନ କରିବାର ଆବଶ୍ୟକତା ପଡିଥାଏ ।
- ଜ୍ୱର ଲାଗିରହିବା ।

ଯଦି ମିସୋପ୍ରୋଷ୍ଟଲ୍ ବ୍ୟବହାର କରିବାର ୨୪ ଘଣ୍ଟା ପରେ ମଧ୍ୟ ରକ୍ତସ୍ରାବ ଆରମ୍ଭ ହେଲାନାହିଁ କିମ୍ବା ଯଦି କୌଣସି ବିପଦପୂର୍ଣ୍ଣ ଲକ୍ଷଣ ଦେଖାଦିଏ, ତୁରନ୍ତ ଡାକ୍ତରୀ ଚିକିତ୍ସାର ଆବଶ୍ୟକତା ପଡିଥାଏ । ଡାକ୍ତରୀ ଗର୍ଭସମାପ୍ତି ପାଇଁ ଅତିକମ୍‌ରେ ତିନିଥର ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ପାଖକୁ ଯିବାର ଆବଶ୍ୟକତା ପଡିଥାଏ ।

ଡାକ୍ତରୀ ଗର୍ଭସମାପ୍ତି ବଟିକା ବ୍ୟବହାର କରିବା ଦ୍ୱାରା ଗର୍ଭସମାପ୍ତି ନହେବା ବହୁତ କ୍ୱଚିତ୍ ଦେଖାଯାଇଥାଏ । ଏପରି ପରିସ୍ଥିତିରେ ଶଲ୍ୟଚିକିତ୍ସା ପଦ୍ଧତି (ଡି ଏବଂ ସି କିମ୍ବା ଏମ୍.ଭି.ଏ) ମାଧ୍ୟମରେ ଗର୍ଭସମାପ୍ତି ସମ୍ପୂର୍ଣ୍ଣ କରିବା ଆବଶ୍ୟକ କାରଣ ଗର୍ଭାବସ୍ଥା ଅବ୍ୟାହତ ରହିଲେ ଗର୍ଭରେ ଅସ୍ୱାଭାବିକତା ସୃଷ୍ଟି ହୋଇପାରେ ।

## ଡ଼ାକ୍ତରୀ ଗର୍ଭସମାପ୍ତି ସମ୍ପର୍କରେ ବାରମ୍ବାର ପଚରା ଯାଉଥିବା କିଛି ପ୍ରଶ୍ନ ଏବଂ ତାହାର ଉତ୍ତର

୧. ଡାକ୍ତରୀ ଚିକିତ୍ସା ପଦ୍ଧତି ଦ୍ୱାରା ଗର୍ଭସମାପ୍ତିରେ ଅନ୍ୟ ପଦ୍ଧତି ତୁଳନାରେ ଅଧିକ ଋତୁସ୍ରାବର କାରଣ ହୋଇଥାଏ କି ?

ନା, ଯେତେବେଳେ ଶଲ୍ୟଚିକିତ୍ସା ମାଧ୍ୟମରେ ଗର୍ଭସମାପ୍ତି କରାଯାଏ, ଅସ୍ତ୍ରୋପଚାରର ସମୟରେ ମଧ୍ୟ ରକ୍ତ ଗର୍ଭାଶୟରୁ ବାହାର କରାଯାଇଥାଏ । ଯେହେତୁ ମହିଳାମାନେ ସେତେବେଳେ ଚେତାଶୂନ୍ୟ ଅବସ୍ଥାରେ ଥାଆନ୍ତି, ତେଣୁ ସେ ହରାଇଥିବା ରକ୍ତର ପରିମାଣକୁ ଦେଖିପାରନ୍ତି ନାହିଁ । ଅନ୍ୟପଟେ ଡାକ୍ତରୀ ଗର୍ଭସମାପ୍ତି ବଟିକା ଖାଇବା ସମୟରେ ଗର୍ଭ ବହିଷ୍କାର ହେବା ପାଇଁ ଏକ ଘଣ୍ଟାରୁ ଏକ ଦିନ ସମୟ ଲାଗିଥାଏ ଏବଂ ସେଥିପାଇଁ ମହିଳାମାନେ ରକ୍ତସ୍ରାବ ଦେଖିବାରେ ସକ୍ଷମ ହୋଇଥାନ୍ତି ।

୨. ଡାକ୍ତରୀ ଗର୍ଭସମାପ୍ତି ପଦ୍ଧତି କିପରି ଅନ୍ୟ ପଦ୍ଧତିଠାରୁ ଭିନ୍ନ ?

ନିମ୍ନଲିଖିତ ସାରଣୀରେ ଚିତ୍ରଣ କରାଯାଇଛି ଯେ ଡାକ୍ତରୀ ଗର୍ଭସମାପ୍ତି କିପରି ଡି'ଓ ସି'ର ଶଲ୍ୟ ଚିକିତ୍ସା ପଦ୍ଧତି (ଗର୍ଭାଶୟକୁ ଖୋଲିବା ଏବଂ ଗର୍ଭାଶୟର ଭିତରେ ଅସ୍ତ୍ରୋପଚାର କରି କାଟିବା) କିମ୍ବା ବାୟୁ ଶୂନ୍ୟତା ଆକାଂକ୍ଷା ପଦ୍ଧତି ଗର୍ଭାଶୟରୁ ଭ୍ରୁଣକୁ ଶୋଷିକରି ବାହାର କରିବାଠାରୁ ଭିନ୍ନ ଅଟେ ।

| ଡାକ୍ତରୀ ପଦ୍ଧତିରେ ଗର୍ଭସମାପ୍ତି | ଅସ୍ତ୍ରୋପଚାର ପଦ୍ଧତିରେ ଗର୍ଭସମାପ୍ତି |
|---|---|
| ୪ ସପ୍ତାହରୁ କମ୍ ଗର୍ଭଧାରଣର ସମୟ କିମ୍ବା ଗର୍ଭାବସ୍ଥାକୁ ସମାପ୍ତ କରିବାପାଇଁ ବ୍ୟବହୃତ ହୋଇପାରେ । | ୭ ସପ୍ତାହ କିମ୍ବା ତା'ଠାରୁ ଅଧିକ ଗର୍ଭଧାରଣର ସମୟର ଗର୍ଭାବସ୍ଥାକୁ ସମାପ୍ତ କରିବାକୁ ବ୍ୟବହୃତ ହୋଇପାରେ । |
| ସ୍ୱାସ୍ଥ୍ୟକେନ୍ଦ୍ରେରେ ବଟିକାନେଲେ ମଧ ଗର୍ଭସମାପ୍ତି ଘରେ ହୋଇପାରେ | ଡାକ୍ତରଖାନାରେ ଭର୍ତ୍ତି ହେବା ଆବଶ୍ୟକ ହୋଇଥାଏ । |
| ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ୨ ରୁ ୩ଥର ଯିବାକୁ ପଡେ । | ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ୧ ରୁ ୨ଥର ଯିବାକୁ ପଡେ । |
| ମିସୋପ୍ରୋଷ୍ଟାଲ ବ୍ୟବହାର ପରେ ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ ପେଟରେ ଯନ୍ତ୍ରଣା ଅନୁଭବ କରିପାରନ୍ତି । | କେବଳ ଅସ୍ତ୍ରୋପଚ୍ଚର ସମୟରେ ଯନ୍ତ୍ରଣା ଅନୁଭବ କରନ୍ତି । |
| ଏହା ନିରାପଦ ଏବଂ ସ୍ୱଳ୍ପ ପ୍ରତିକୂଳ ପ୍ରଭାବ ରହିଛି । | ଏହା ନିରାପଦ ଏବଂ ସ୍ୱଳ୍ପ ପ୍ରତିକୂଳ ପ୍ରଭାବ ଅଛି । |
| ଏକ ବା ଦୁଇସପ୍ତାହ ପର୍ଯ୍ୟନ୍ତ ରକ୍ତସ୍ରାବ ହୋଇପାରେ | ଯେହେତୁ ଶଲ୍ୟଚିକିତ୍ସା ପଦ୍ଧତିରେ ଗର୍ଭାଶୟରେ ଥିବା ଅଧିକାଂଶ ରକ୍ତବାହାର କରାଯାଇଥାଏ, ରକ୍ତସ୍ରାବ କେବଳ ଅଳ୍ପ ସମୟ ପର୍ଯ୍ୟନ୍ତ ରହିଥାଏ । |
| ନିଶ୍ଚେତକତାର କୌଣସି ଆବଶ୍ୟକତା ପଡେ ନାହିଁ ।<br>ଯନ୍ତ୍ରଣା ଉପଶମ ପାଇଁ ବଟିକାର ଆବଶ୍ୟକତା ପଡ଼ିପାରେ । | ଉଭୟ ଯନ୍ତ୍ରଣା ଉପଶମ ବଟିକା ଏବଂ ନିଶ୍ଚେତକତାର ଆବଶ୍ୟକତା ପଡେ |
| ହୁଏତ ମୁଣ୍ଡାମୁଣ୍ଡା ରକ୍ତ କିମ୍ବା ଭ୍ରୁଣର କିଛି ଅଂଶ ବାହାରୁଥିବାର ମହିଳା ଦେଖିପାରନ୍ତି | ମହିଳାମାନେ କେବଳ ରକ୍ତସ୍ରାବର ଅନୁଭୂତି କରିଥାନ୍ତି ଅନ୍ୟ କିଛି ନୁହେଁ । |

୩. ଜରୁରୀକାଳିନ ଗର୍ଭନିରୋଧକ ବଟିକା ଗର୍ଭସମାପ୍ତିର ବଟିକା ଭାବରେ ବ୍ୟବହୃତ ହୋଇପାରିବ କି ?

ନାଁ, ଜରୁରୀକାଳୀନ ଗର୍ଭନିରୋଧକ ବଟିକା ଡ଼ିମ୍ବକୋଷରୁ ବାହାରିଥିବା ଡ଼ିମ୍ବାଣୁକୁ ଏବଂ ପୁରୁଷ ଶୁକ୍ରାଣୁ ଦ୍ୱାରା ଗର୍ଭାଧାନ କରିବାରେ ବାଧା ଦେଇଥାଏ । ସେଗୁଡିକ ଗର୍ଭସମାପ୍ତି କରି ନଥାନ୍ତି । ଡାକ୍ତରୀ ଗର୍ଭସମାପ୍ତି ବଟିକା ପୂର୍ବରୁ କରିଥିବା ଏକ ଗର୍ଭଧାରଣର ସମାପ୍ତି କରିଥାଏ ।

୪. ସ୍ତନ୍ୟପାନ କରାଇବା ସମୟରେ ଡାକ୍ତରୀ ଗର୍ଭସମାପ୍ତି ବଟିକା ବ୍ୟବହାର କରାଯାଇପାରିବ କି ?

ହଁ, ସ୍ତନ୍ୟପାନ କରାଇବା ସମୟରେ ସେଗୁଡ଼ିକ ବ୍ୟବହାର କରାଯାଇପାରିବ । କେତେକ ଅଧ୍ୟୟନରୁ ଜଣାପଡ଼ିଛି ମା'ସ୍ତନରୁ କ୍ଷୀରରେ ମିଫେପ୍ରିଷ୍ଟୋନ ଏବଂ ମିସୋପ୍ରୋଷ୍ଟୋଲ ନିର୍ଗତ ହୋଇଥାଏ । କିନ୍ତୁ ଶିଶୁ'ଉପରେ ତାହାର କଣ ପ୍ରଭାବ ପଡୁଛି ସେ' ସମ୍ବନ୍ଧରେ ବଳିଷ୍ଠ ତଥ୍ୟ ନାହିଁ । ଯଦି ମହିଳାଙ୍କୁ ଲାଗୁଛି ଏହା ପିଲାଉପରେ କିଛି ପ୍ରତିକୂଳ ପ୍ରଭାବ

ପକାଇପାରେ ତେବେ ଡ଼ାକ୍ତରୀ ଗର୍ଭସମାପ୍ତି ବଟିକା ବ୍ୟବହାର କରିବାର ୨୪ ଘଣ୍ଟା ପର୍ଯ୍ୟନ୍ତ ଛୁଆକୁ ସ୍ତନ୍ୟପାନ କରାନ୍ତୁନାହିଁ ।

୫. ଶ୍ୱେତପ୍ରଦର ଥିବା ମହିଳାମାନେ ଗର୍ଭସମାପ୍ତି ବଟିକା ବ୍ୟବହାର କରିପାରିବେ କି ?
ହଁ ଶ୍ୱେତପ୍ରଦର ଥିବା ମହିଳାମାନେ ଗର୍ଭସମାପ୍ତି ବଟିକା ବ୍ୟବହାର କରିପାରିବେ। ଏହା ସହିତ ସେମାନେ ଶ୍ୱେତପ୍ରଦର ପାଇଁ ଡାକ୍ତରୀ ପରାମର୍ଶ ଏବଂ ଚିକିତ୍ସା କରିବା ଉଚିତ୍ ।

୬. ଡାକ୍ତରୀ ଗର୍ଭସମାପ୍ତି ପରେ କେତେ ଶୀଘ୍ର ଜଣେ ମହିଳା ପୁନର୍ବାର ଗର୍ଭବତୀ ହୋଇପାରନ୍ତି ?
ଡାକ୍ତରୀ ଗର୍ଭସମାପ୍ତି କରିବା ପରେ ସଙ୍ଗେ ସଙ୍ଗେ ଜଣେ ମହିଳା ଗର୍ଭବତୀ ହେବା ସମ୍ଭବ ଅଟେ । ଯଦି ଜଣେ ଗର୍ଭଧାରଣ କରିବାକୁ ନଚାହାଁନ୍ତି ତେବେ ଉପଯୁକ୍ତ ଗର୍ଭନିରୋଧକ ପଦ୍ଧତି ବ୍ୟବହାର କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

୭. କିଶୋରୀ ବା ଯୁବତୀମାନେ ଏହି ପଦ୍ଧତି ବ୍ୟବହାର କରିପାରିବେକି ?
ହଁ, କରିପାରିବେ । କିଶୋରୀମାନେ ବ୍ୟବହାର ନକରିବାର କୌଣସିଡ଼ା କ୍ତରୀ ସମ୍ମତ କାରଣ ନାହିଁ । ଯେଉଁ ମହିଳାମାନେ ସେମାନଙ୍କର ପ୍ରଥମ ଗର୍ଭଧାରଣ ସମୟରେ ଡାକ୍ତରୀ ଗର୍ଭସମାପ୍ତି ବଟିକା ବ୍ୟବହାର କରନ୍ତି ସେମାନେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଯନ୍ତ୍ରଣା ଅନୁଭବ କରିପାରନ୍ତି ଏବଂ ଯନ୍ତ୍ରଣାରୁ ମୁକ୍ତି ପାଇଁ ଔଷଧ ଆବଶ୍ୟକ କରିପାରନ୍ତି । ସମସ୍ତ ବୟସର ମହିଳାମାନଙ୍କ ପାଇଁ ଡାକ୍ତରୀ ଗର୍ଭସମାପ୍ତି ଏକ ନିରାପଦ ପଦ୍ଧତି ଅଟେ ।

୮. ଏଚ.ଆଇ.ଭିରେ ସଂକ୍ରମିତ ଜଣେ ମହିଳା ଡାକ୍ତରୀ ଗର୍ଭସମାପ୍ତି ବଟିକା ଗ୍ରହଣ କରିପାରିବେ କି ?
ହଁ, ଏଚ୍.ଆଇ.ଭି ଥିବା ମହିଳାମାନେ ଅନ୍ୟ ମହିଳାମାନଙ୍କ ମେଡିକାଲ ଗର୍ଭସମାପ୍ତି ବଟିକା ବ୍ୟବହାର କରିପାରିବେ। ଜଣେ ମହିଳା ଏଚ୍.ଆଇ.ଭି ଦ୍ୱାରା ସଂକ୍ରମିତ ହୋଇଥିଲେ ଅସ୍ତ୍ରୋପଚାର ମାଧମରେ ଗର୍ଭସମାପ୍ତି ସମୟରେ ପ୍ରଜନନ ରାସ୍ତାରେ ସଂକ୍ରମଣ ହେବାର ଅଧିକ ଆଶଙ୍କା ଥାଏ । ଏହା ଡାକ୍ତରୀ ଗର୍ଭସମାପ୍ତି ପାଇଁ ମଧ ପ୍ରଯୁଜ୍ୟ ।

## କେଉଁମାନେ ଡାକ୍ତରୀ ଗର୍ଭସମାପ୍ତି ବଟିକା ବ୍ୟବହାର କରିପାରିବେ ନାହିଁ ?

- ଯଦି ଅସ୍ୱାଭାବିକ ସ୍ଥାନରେ ଗର୍ଭଧାରଣର ସନ୍ଦେହ ହୁଏ, ଅର୍ଥାତ୍ ଗର୍ଭଧାରଣ ଡିମ୍ବବାହି ନଳୀରେ କିମ୍ବା ଗର୍ଭାଶୟ ବାହାରେ ହୁଏ ତାହାହେଲେ ଡାକ୍ତରୀ ଗର୍ଭସମାପ୍ତି ବଟିକା ବ୍ୟବହାର କରାଯିବା ଉଚିତ୍ ନୁହେଁ ।
- ମିଫେପ୍ରିଷ୍ଟୋଲ ଏବଂ ମିସୋପ୍ରୋଷ୍ଟୋଲ ବଟିକା ଦ୍ୱାରା ଆଲର୍ଜି ହେଉଥିବା ମହିଳାମାନେ ।
- ଗୁରୁତର ରକ୍ତହୀନତା ଏବଂ ହେମୋଗ୍ଲୋବିନ ସ୍ତର ୮ ଗ୍ରାମରୁ କମ୍ ଥିବା ମହିଳାମାନେ ।
- ହୃଦଘାତ, ଉଚ୍ଚ ରକ୍ତଚାପ ଦୀର୍ଘକାଳ ଧରି ଯକୃତ ଏବଂ ବୃକକ୍ ରୋଗର ଇତିହାସ ଥିବା ମହିଳା ।
- କୌଣସି ଦୀର୍ଘସ୍ଥାୟୀ ରୋଗର ଇତିହାସ ଥିବା ମହିଳାମାନେ ଡାକ୍ତରୀ ତତ୍ତ୍ୱାବଧାନରେ ଡାକ୍ତରୀ ଗର୍ଭସମାପ୍ତି ବଟିକା ବ୍ୟବହାର କରିବା ଉଚିତ୍ ।

## କାହିଁକି ମହିଳାମାନେ ଡାକ୍ତରୀ ଗର୍ଭସମାପ୍ତି ବଟିକାକୁ ପସନ୍ଦ କରନ୍ତି ?

ଅନ୍ୟାନ୍ୟ ପଦ୍ଧତି ଅପେକ୍ଷା ଡାକ୍ତରୀ ଗର୍ଭସମାପ୍ତିକୁ ଅଧିକ ପସନ୍ଦ କରିବାର ମୁଖ୍ୟ କାରଣ ଭାବରେ ମହିଳାମାନେ ନିମ୍ନଲିଖିତ ମତ ରଖିଥାଆନ୍ତି ।

- ଏହା ନିରାପଦ ଏବଂ ସ୍ୱତଃ ଗର୍ଭସମାପ୍ତି ପରି ଅନୁଭବ କରନ୍ତି ।
- ଡାକ୍ତରଖାନାରେ ରାତିସାରା ରହିବାର ଆବଶ୍ୟକତା ପଡେ ନାହିଁ ।
- ଅସ୍ତ୍ରୋପଚାର, ନିଶ୍ଚେତକ କିମ୍ବା ଡାକ୍ତରଖାନାରେ ରହିବାର ଆବଶ୍ୟକତା ପଡ଼ିନଥାଏ ।
- ସ୍ୱାସ୍ଥ୍ୟବ୍ୟବସ୍ଥାରେ ପ୍ରଥମ ଔଷଧର ମାତ୍ରା ନେଲାପରେ ଡ଼ାକ୍ତରଙ୍କ ପରାମର୍ଶ ଅନୁଯାୟୀ ପରବର୍ତ୍ତୀ ଔଷଧର ମାତ୍ରା ଘରେ ନିଆଯାଇପାରିବ
- ଗର୍ଭଧାରଣ ୯ ସପ୍ତାହ ମଧ୍ୟରେ ହୋଇଥିଲେ ଗର୍ଭସମାପ୍ତି କରିବା ସମ୍ଭବ ହୋଇଥାଏ
- ଗର୍ଭସମାପ୍ତି ଗୋପନୀୟ ରହିଥାଏ ।
- ଏହାକୁ ବ୍ୟବହାର କରିବା ସହଜ ଏବଂ ମହିଳା ନିଜେ ମଧ୍ୟ ବ୍ୟବହାର କରିପାରିବେ ।
- ସ୍ତନ୍ୟପାନ କରାଉଥିବା ମହିଳା ଏବଂ ଅବିବାହିତ ମହିଳାଙ୍କ ପାଇଁ ଏହା ଏକ ଉପଯୁକ୍ତ ପଦ୍ଧତି ।
- ଭାରତରେ ଏହା ସେତେବେଶି ମହଙ୍ଗା ନୁହେଁ, ଡାକ୍ତରୀ ଗର୍ଭସମାପ୍ତି ବଟିକା ୨୫୦ ରୁ ୫୦୦ ଟଙ୍କା ମଧ୍ୟରେ ରହିଥାଏ ।
- ୨୦୦୩ର ସଂଶୋଧିତ ଡାକ୍ତରୀ ଗର୍ଭସମାପ୍ତି ଆଇନ୍‌ର ଅଧିନିୟମ ଅନୁଯାୟୀ କେବଳ ଅନୁମୋଦିତ ପଞ୍ଜିକୃତ ଡାକ୍ତରୀ ଚିକିତ୍ସକ ଡାକ୍ତରୀ ଗର୍ଭସମାପ୍ତି ସେବା ପ୍ରଦାନ କରିପାରିବେ ।
- ଏମ୍.ଟି.ପି ଅଧିନିୟମ ଅନୁଯାୟୀ ତାଲିମ୍ ପ୍ରାପ୍ତ ପଞ୍ଜିକୃତ ଡାକ୍ତରୀ ଚିକିତ୍ସକମାନଙ୍କ ଦ୍ୱାରା ଅନୁମୋଦିତ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଡାକ୍ତରୀ ଗର୍ଭସମାପ୍ତି ସେବା ପ୍ରଦାନ କରାଯାଇପାରିବ ।
- ଏମ୍.ଟି.ପି ଆଇନର ଅନୁମୋଦନ ଅନୁଯାୟୀ ଜଣେ ଚିକିତ୍ସକ ମଧ୍ୟ ଡାକ୍ତରୀ ଗର୍ଭସମାପ୍ତି ବ୍ୟବସ୍ଥା ଗୁଡ଼ିକୁ ଲେଖିପାରିବେ ଏବଂ ଯଦି ସେ ଅଧିକ ସ୍ୱାସ୍ଥ୍ୟ ସେବା ଆବଶ୍ୟକ କରନ୍ତି ତେବେ ମହିଳାଙ୍କୁ ପରାମର୍ଶ ସେବା ଦେଇପାରିବେ । ଚିକିତ୍ସକମାନେ ତାଙ୍କର ଚିକିତ୍ସା କେନ୍ଦ୍ରରେ ମଧ୍ୟ ଡାକ୍ତରୀ ଗର୍ଭସମାପ୍ତି ଔଷଧ ଲେଖିପାରିବେ । କିନ୍ତୁ ସେମାନେ କେବଳ ତାହା କରିପାରିବେ ଯଦି ମହିଳା ଜଣଙ୍କ ଅଧିକ ସ୍ୱାସ୍ଥ୍ୟସେବା ଆବଶ୍ୟକ କଲେ ତେବେ ତାଙ୍କୁ ଏମ. ଟି. ପି ଅଧିନିୟମ ଅନୁଯାୟୀ ଅନୁମୋଦିତ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ପ୍ରବେଶ କରିବା ପାଇଁ ସେମାନେ ଅନୁମୋଦନ ପାଇଥିବେ । ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରର ଅନୁମୋଦନ ପ୍ରମାଣ ପତ୍ର ଚିକିତ୍ସା କେନ୍ଦ୍ରରେ ପ୍ରଦର୍ଶିତ କରିବା ଉଚିତ୍ ।

CommonHealth

**SAHAJ on behalf of CommonHealth**
SAHAJ, 1 Shri Hari Apartments, 13 Anandnagar Society,
Behind Express Hotel, Alkapuri, Vadodara, Gujarat, India 390007
Tel: 91-265-2342539 • Email: sahaj_sm2006@yahoo.co.in
Website: www.sahaj.org.in

Contact: Swati Shinde [Coordinator CommonHealth]
• Email : cmnhsa@gmail.com
CommonHealth website: http://www.commonhealth.in

Sahayog
for equity and
sustainable development